










ଅତିସାଧାରଣ ଲୋକମାନଙ୍କର ଜୀବନଚର୍ଯ୍ୟାକୁ ନେଇ ଏହା ରଚିତ। ଏପରି କି ଇରାନୀ କଫିସପ୍, ଚା' ଦୋକାନ, ପୁରୁଣା ସିନେମାହଲ୍ ପ୍ରଭୃତି ମଧ୍ୟ ଏହି କାହାଣୀ ଭିତରକୁ ଚାଲି ଆସିଛନ୍ତି। ଗୋଟିଏ ପାର୍ଶ୍ୱରେ ଚାକଚକ୍ୟ ଭରା ମହାନଗରୀର ଜୀବନଶୈଳୀ ଓ ଅନ୍ୟ ପଟରେ ଜୀବନ ସଂଗ୍ରାମରେ ସଦାବେଳେ ବ୍ୟସ୍ତ ଓ ବିବ୍ରତ ଚରିତ୍ରମାନଙ୍କ ସହ ନିବିଡ଼ ଅନୁଭବଙ୍କୁ ନେଇ ଷୋହଳଟି ଅଧ୍ୟାୟ ବା ଗଳ୍ପର ଏକ ଚମତ୍କାର ସମାହାର ହେଉଛି ଏହି ପୁସ୍ତକ। ଏଥିରେ ରହିଛି ଜନଜୀବନର କାହାଣୀ, ଇତିହାସ ଓ ସଂସ୍କୃତିର ଏକ ବାସ୍ତବ ପ୍ରତିଛବି। ଚରିତ୍ର ଅନୁଧ୍ୟାନ ଓ ଅନୁଶୀଳନକୁ ନେଇ ଏହି ଲେଖକଙ୍କର ବହୁ ଗଳ୍ପ କନ୍ନଡ଼ ଭାଷାରେ ପ୍ରକାଶିତ ଓ ପ୍ରଶଂସିତ ହୋଇଛି। ଚଳଚ୍ଚିତ୍ର ଜଗତର ଜଣେ ବିଖ୍ୟାତ ସଂଳାପ ଲେଖକ ଓ ମରମୀ କବି ଭାବେ ଚରିତ୍ର, ପରିବେଶ ଓ ଘଟଣାକୁ ଚିତ୍ରାୟିତ କରିବାରେ ସେ ବେଶ୍ ଧୁରୀଣ। ଏଥିରେ ବ୍ୟକ୍ତି ଜୀବନର ହତାଶା, ନୈରାଶ୍ୟ, ଦୁଃଖ କ୍ଲେଶକୁ ଜଣେ କୁଶଳୀ ଚିତ୍ରକାର ଭାବେ ସେ ଶବ୍ଦରେ ରୂପ ଦେଇଛନ୍ତି।

ପରସ୍କାର ପ୍ରଦାନ ଅବସରରେ ଚୟନ ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁଖାର୍ଜୀ ପୁସ୍ତକ ସମ୍ପର୍କରେ ମତ ଦେଇ କହନ୍ତି, “ଏହି ଔପନ୍ୟାସିକ ଯେପରି ସରଳ ବୋଧଗମ୍ୟ ଓ ସଙ୍ଗତ ଭବେ ମୁମ୍ବାଇ ସହରର ସାଧାରଣ ଚରିତ୍ରମାନଙ୍କୁ ଚିତ୍ରଣ କରିଛନ୍ତି, ସେଥିରେ ଚୟନ ପରିଷଦ ଅତ୍ୟନ୍ତ ଖୁସି। ଏକ ମହାନଗରରେ ସାଧାରଣ ଲୋକମାନେ ଯେପରି ଭାବେ ଜୀବନ ଯାପନ କରନ୍ତି ତାହାର ଏକ ସୁନ୍ଦର ଉପସ୍ଥାପନା ଏହି ପୁସ୍ତକରେ ରହିଛି। ସମାଜର ସୀମାନ୍ତରେ ବସବାସ କରୁଥିବା ଚରିତ୍ରମାନେ ମୁମ୍ବାଇ ସହରକୁ ଏକ ପ୍ରମୁଖ ଚରିତ୍ର କରି ଗଢ଼ି ତୋଳିଛନ୍ତି ଏହି ଉପନ୍ୟାସରେ। ଏଇ ପ୍ରଥମ ଥର କୌଣସି ଭାରତୀୟ ଆଞ୍ଚଳିକ ଭାଷାର ଉପନ୍ୟାସ ଏବଂ ତାହାର ଇଂରାଜୀ ଅନୁବାଦକୁ ପୁରସ୍କୃତ କରି ଆମେ ଖୁବ୍ ଆନନ୍ଦିତ।” ବସ୍ତୁତଃ ଏହା ହିଁ ଚଳିତ ବର୍ଷର ଏଇ ପୁରସ୍କାରର ଅନ୍ୟତମ ବୈଶିଷ୍ଟ୍ୟ। ଭାରତୀୟ ଆଞ୍ଚଳିକ ଭାଷାର ସାହିତ୍ୟ କୃତିକୁ ଅତି ଚମତ୍କାର ଭାବେ ଇଂରାଜୀ ଭାଷାରେ ଅନୁବାଦ କରାଯାଇଛି ଯାହା ସମଗ୍ର ଏସିଆ ତଥା ବିଶ୍ୱର ପାଠକପାଠିକାମାନଙ୍କ ନିକଟରେ ଆଦର ଲାଭ କରିପାରିବ। ଭାରତୀୟ ଭାଷା ତଥା ଭଲ ଇଂରାଜୀ ଅନୁବାଦକୁ ଅନୁଷ୍ଠାନ ତରଫରୁ ପ୍ରଶଂସା କରାଯାଇଛି। ଏହି ‘ନୋ ପ୍ରେଜେଣ୍ଟସ୍ ପ୍ଲିଜ୍’ ଉପନ୍ୟାସଟି ୨୪୦ ପୃଷ୍ଠା ମଧ୍ୟରେ ବିନ୍ୟସ୍ତ।

ଔପନ୍ୟାସିକ ଜୟନ୍ତ କୈକିନିଙ୍କ ଜନ୍ମ ୧୯୫୫ ମସିହାରେ, କର୍ଣ୍ଣାଟକର ଗୋକର୍ଣ୍ଣଠାରେ। ତାଙ୍କ ବାପା ଗୌରୀଶ କୈକିନି ଜଣେ ସ୍କୁଲଶିକ୍ଷକ ଓ ସାହିତ୍ୟିକ ହୋଇଥିବା ବେଳେ ମା' ଶାନ୍ତା ଜଣେ








